## ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ଆରମ୍ଭ

**ସାକ୍ଷୀଗୋପାଳ, ୧୬ା୧୨(ସମିସ):** ମଙ୍ଗଳବାର ପବିତ୍ର ଧନୁସଂକ୍ରାନ୍ତି। ମଙ୍ଗଳବାରଠାରୁ ଏକ ମାସ ବ୍ୟାପୀ ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ନୀତିନିର୍ଘଣ୍ଟ କ୍ରମେ ଭୋର୍ ୪ଟାରୁ ଦ୍ୱାର ଉନ୍ମୋଚନ, ମଙ୍ଗଳଆଳତି, ବେଶ, ମଇଲମ, ମର୍ଦ୍ଦନ, ଅବକାଶ ଓ ଘୋଡ଼ଲାଗି ବେଶ ସକାଳ ୬ଟାରେ ଶେଷ ହୋଇଥିଲା। ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ପହିଲି ଭୋଗ ସହିତ ସକାଳ ଧୂପ, ମଦନମୋହନଙ୍କ ଭୋଗ ସମାପନ ହୋଇଥିଲା। ବୀରକେଶରୀ ବଲ୍ଲଭ ଶେଷ କରାଯାଇ ଦ୍ୱିପ୍ରହର ଧୂପରେ ସ୍ୱତନ୍ତ୍ର ଦୁଇଟି ଧନୁମୁଆଁ ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ଏକମାସ ବ୍ୟାପୀ ପ୍ରତ୍ୟହ ଅପରାହ୍ଣ ୧ଟାରେ ଠାକୁରଙ୍କ ପହୁଡ଼ ଅନୁଷ୍ଠିତ ହେଇ ଅପରାହ୍ଣ ୩ଟାରେ ଦ୍ୱାର ଉନ୍ମୋଚନ କରାଯାଇ ସନ୍ଧ୍ୟା ଆଳତି ଅନୁଷ୍ଠିତ ହେବ। ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟା ଧୂପ ଓ ବଡ଼ସିଂହାର ପରେ ରାତି ୧୦ଟା ସୁଦ୍ଧା ଠାକୁରଙ୍କ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ଦୈନନ୍ଦିନ ଦେବନୀତି ଅନୁଷ୍ଠିତ ହେବା ସହିତ ପହିଲି ଭୋଗରେ ପୁରୀ, ମାଣ୍ଡୁଅ ପିଠା, କେଳୀ, ଖୁରୁମା, ଗଇଁଠା, ଖଇ, କୋରା, ମୁଆଁ, କମଳା ଓ ଚୁଡ଼ାଭଜା ସହ ଖୁରୁଡ଼ି ନଡିଆ ପାତି ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଛି। ଅନୁରୂପ ଭାବରେ ବିଭିନ୍ନ ଗ୍ରାମର ଦେବଦେବୀ ମନ୍ଦିର ଓ ମଠବାଡ଼ିରେ ପହିଲି ଭୋଗଲାଗି ଆରମ୍ଭ ହୋଇଛି। ଧନୁସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରରେ ଠାକୁରଙ୍କୁ ଧନୁମୁଆଁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।

## ଧାନକଟାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**କଣାସ, ୧୬ା୧୨(ସମିସ):** ପୁରୀ ଜିଲ୍ଲା କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତର ବଗିପଡ଼ା ମୌଜାର ଏକ ଧାନଜମିରୁ ଧାନ କାଟିବାକୁ ନେଇ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ଆହତ୍ ହୋଇଥିବାବେଳେ ଉଭୟ ପକ୍ଷ କଣାସ ଥାନାରେ ଏତଲା ଦେଇଥିବା କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକଙ୍କଠାରୁ ସୂଚନା ମିଳିଛି। ଏତଲା ପାଇ କଣାସ ଥାନା ଆଇଆଇସି କେସ୍ ନଂ-୨୯୨/୨୫, ୨୯୩/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଉଭୟ ପକ୍ଷରୁ କେହି ଗିରଫ ହୋଇ ନ ଥିବା ପୁଲିସ କହିଛି।

ଅଭିଯୋଗରୁ ଜଣାଯାଏ ଯେ, ଗଡ଼ମାଟିଆପଡ଼ା ଗ୍ରାମର ସତ୍ୟବାନ ଶ୍ରୀଚନ୍ଦନ ଯିଏକି ଖୋର୍ଦ୍ଧାରେ ରୁହନ୍ତି, ତାଙ୍କର ବଗିପଡ଼ା ମୌଜାରେ ଜମି ରହିଛି। ଘଟଣା ଦିନ ସତ୍ୟବାନ ଓ ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ତାଙ୍କ ଧାନ ଜମିରୁ ଅନ୍ୟ ଲୋକ ଧାନ କାଟୁଥିବା ଖବର ପାଇ ଜମି ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଘରଛିଆ ଗ୍ରାମର କରୁଣାକର ଜେନା ଓ ତାଙ୍କ ପରିବାର ଲୋକ ସତ୍ୟବାନଙ୍କ ଜମିରୁ ଧାନ କାଟୁଥିବା ଦେଖିବାକୁ ପାଇଥିଲେ। ଏହାକୁ ସେ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ଗଣ୍ଡଗୋଳ ଘଟିଥିଲା। କରୁଣାକର ଓ ତାଙ୍କ ପରିବାର ଲୋକଙ୍କ ଆକ୍ରମଣରେ ସତ୍ୟବାନ ଓ ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ଗୁରୁତର ଆହତ ହୋଇ ପ୍ରଥମେ ଖୋର୍ଦ୍ଧା ଡାକ୍ତରଖାନା ପରେ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କରୁଣାକରଙ୍କ ସମେତ ୬ ଜଣଙ୍କ ନାମରେ ସତ୍ୟବାନ କଣାସ ଥାନାରେ ଅଭିଯୋଗ କରିଥିବାବେଳେ କରୁଣାକର ମଧ୍ୟ ସତ୍ୟବାନଙ୍କ ବିରୋଧରେ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ୧୯୨ ଗ୍ରାମ୍ ହେରୋଇନ୍ ଜବତ

**ଅସ୍ତରଙ୍ଗ, ୧୬ା୧୨(ସମିସ):** ନିଶା କବଳରେ ଅଧିକାଂଶ ଯୁବପିଢ଼ି ପଡ଼ିଥିବାବେଳେ ଅସ୍ତରଙ୍ଗ ବ୍ଲକରେ ଥିବା ଦେବୀ ନଦୀ ବନ୍ଧ ଏବେ ନିଶା ବ୍ୟବସାୟୀଙ୍କ ଆଡ୍ଡାସ୍ଥଳ ପାଲଟିଛି।



ଯାହାକୁ ନିମାପଡ଼ା ଅବକାରୀ ବିଭାଗ ଦୃଷ୍ଟିନିକ୍ଷେପ କରି ମଙ୍ଗଳବାର କାକଟପୁର ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ଦେବୀ ନଦୀ ସେତୁ ନିକଟରେ କେନାଲ ରାସ୍ତାରେ ଜଣେ ହେରୋଇନ ବେପାରୀକୁ କାବୁ କରିଛି। ଗିରଫ ଯୁବକ ଜଣକ ନଇଗୁଆଁ ପଞ୍ଚାୟତ ଖଣ୍ଡାସାହି ଗ୍ରାମର ପ୍ରତାପ ନାୟକ(୪୩)। ତାଙ୍କ ନିକଟରୁ ମୋଟ୍ ୧୯୨ ଗ୍ରାମ୍ ହେରୋଇନ୍, ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍, ନଗଦ ୧୭୦୦ ଟଙ୍କା ଜବତ କରାଯିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପଣ୍ଡିତ ଦିବ୍ୟସିଂହ ମିଶ୍ରଙ୍କ ପରଲୋକ



**ନୂଆପଲମହାଟ, ୧୬ା୧୨(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ଗ୍ରାମର ଐଶାନେଶ୍ୱର ମହାଦେବଙ୍କ କୂଳ ପୁରୋହିତ ପଣ୍ଡିତ ଦିବ୍ୟସିଂହ ମିଶ୍ରଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ପାଖରେ ପୁଅ ଅଶୋକ ମିଶ୍ର, ଆଲୋକ ମିଶ୍ର, ଅରୁଣ ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର, ଅନନ୍ତ ମିଶ୍ର, ସହଧର୍ମିଣୀ ବାସନ୍ତୀ ମିଶ୍ର, ଝିଅ ଜ୍ୟୋତ୍ସ୍ନାମୟୀ ଦ୍ୱିବେଦୀ ଏବଂ ବୋହୂମାନେ ଉପସ୍ଥିତ ଥିଲେ। ଦିବ୍ୟସିଂହ ଗୃହ ଭାଗ, ପୌରୋହିତ୍ୟ, ପୋଥି ଶାସ୍ତ୍ରରେ ପାଣ୍ଡିତ୍ୟ ହାସଲ କରିଥିଲେ। ଶିକ୍ଷକତା କରିଥିଲେ। ଶେଷ ସମୟରେ ଗ୍ରାମବାସୀ ନାମ ସଙ୍କୀର୍ତ୍ତନ କରି ବିଦାୟ ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଅଶୋକ ମିଶ୍ର ମୁଖାଗ୍ନି ଦେଇଥିଲେ।

### ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ମିଳୁନି ଜନ୍ମ-ମୃତ୍ୟୁ ପ୍ରମାଣପତ୍ର

**କୃଷ୍ଣପ୍ରସାଦ, ୧୬ା୧୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ମିଳୁନି ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର। ଫଳରେ ଏହି ପ୍ରମାଣପତ୍ର ପାଇଁ ଆସୁଥିବା ସାଧାରଣ ଲୋକ ବହୁତ ହଇରାଣ ହେଉଥିବା ଅଭିଯୋଗ ଉଠିଛି। ଏହି କାର୍ଯ୍ୟର ଦାୟିତ୍ୱରେ ଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ସେବାରେ ଅବହେଳା ଅଭିଯୋଗ ଆସୁଛି। ସରକାର ଲୋକଙ୍କ ସେବା ପାଇଁ ନିଯୁକ୍ତ କରିଥିଲେ ମଧ୍ୟ ବାସ୍ତବ ଚିତ୍ର ଏହାର ଓଲଟା ବୋଲି ସାଧାରଣ ଲୋକ କହୁଛନ୍ତି। ବାରମ୍ବାର ସିଏଚ୍‌ସି କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ଦେଇଥିଲେ ମଧ୍ୟ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ସଠିକ୍ ସମୟରେ ମିଳୁ ନ ଥିବା ଅଭିଯୋଗ ରହିଛି। ଆବଶ୍ୟକ ସମୟରେ ବାବୁଙ୍କୁ ଫୋନ୍ କଲେ ମଧ୍ୟ ଉତ୍ତର ମିଳୁ ନ ଥିବାରୁ ଲୋକେ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ପରିସ୍ଥିତିକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। ସରକାରୀ ଦାୟିତ୍ୱ ନେଇ ବାବୁ କ'ଣ କରୁଛନ୍ତି। ଏହି ଅଭିଯୋଗର ସଠିକ୍ ତଦନ୍ତ କରାଯାଇ ସାଧାରଣ ଲୋକଙ୍କୁ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି ହେଉଛି।

## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମିଶନ ସମୀକ୍ଷା ବୈଠକ

**କଣାସ, ୧୬ା୧୨(ସମିସ):** ମଙ୍ଗଳବାର କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କଣାସ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ନିପୁଣ ଓଡ଼ିଶା ମିଶନ ଅନ୍ତର୍ଗତ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପୁରୀ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ରତିକାନ୍ତ ସାହୁ ଯୋଗଦେଇ ନିପୁଣ ଓଡ଼ିଶା ମିଶନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ଆଞ୍ଚଳିକ ସାଧନ କେନ୍ଦ୍ର ଅନୁଯାୟୀ ସମୀକ୍ଷା କରିଥିଲେ। ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମର ସଫଳତା, ସିଆର୍‌ସିସିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିଦର୍ଶନ, କଟ୍ ଓ ସ୍ୱଟ୍ ତଦାରଖ, ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଅଗ୍ରଗତି ଶିକ୍ଷଣ ସୋପାନ ରେଜିଷ୍ଟରରେ ଲିପିବଦ୍ଧତା ସହ ଶୈକ୍ଷିକ ଅଗ୍ରଗତିରେ ପଛୁଆ ରହିଯାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିକାରାତ୍ମକ ବ୍ୟବସ୍ଥା ଆଦି ସମ୍ପର୍କରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ଉପସ୍ଥାପନ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଆଲୋଚନା କରିଥିଲେ। କଣାସ ବ୍ଲକ ଅନ୍ତର୍ଗତ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଓ ସଂଯୋଜିକାମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

### ହରିଦାସ ଗ୍ରାମବାସୀଙ୍କ ଉପରେ ପୁଲିସର ବେଆଇନ ଗିରଫକୁ ନିନ୍ଦା

# ବିଜେଡି ପକ୍ଷରୁ ଥାନା ସମ୍ମୁଖରେ ଗଣଧାରଣା

**ବ୍ରହ୍ମଗିରି, ୧୬ା୧୨(ସମିସ)**



ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ କୁସୁବେଣ୍ଟି ପଞ୍ଚାୟତର ହରିଦାସ ଏବଂ କୁସୁବେଣ୍ଟି ଗ୍ରାମ ମଧ୍ୟରେ ଜାଡ଼ି କେନାଲକୁ ନେଇ ବିବାଦ ବହୁ ଦିନରୁ ଲାଗି ରହିଥିଲା। ଗତ ସୋମବାର ଜିଲ୍ଲା ପ୍ରଶାସନ ଓ ହରିଦାସ ଗ୍ରାମବାସୀଙ୍କ ମଧ୍ୟରେ ଏହି କେନାଲ ଖୋଳାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ପ୍ରଶାସନ କେନାଲ ଖୋଳା ଜାଗାରେ ବିରୋଧ କରିଥିବା ହରିଦାସ ଗ୍ରାମବାସୀଙ୍କୁ ଉଠାଇ ଆଣିବା ସହ ୪୬ ଜଣ ମହିଳା, ପୁରୁଷଙ୍କୁ ରାତି ଅଧରେ ଗିରଫ କରି କୋର୍ଟ ଚାଲାଣ କରିଛି। ରାତିଅଧିଆ କୋର୍ଟ ଚାଲାଣ ଓ ବେଆଇନ ଗିରଫର ପ୍ରତିବାଦ କରି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବ୍ରହ୍ମଗିରି ଥାନାକୁ ଯାଇ ଅଧିକାରୀଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ହେଲେ ଏହା ଫଳପ୍ରଦ ହୋଇ ନ ଥିଲା। ଫଳରେ ରାତି ୧୧ଟା ୩୦ରେ ଶ୍ରୀ ଦାସବର୍ମାଙ୍କ ସମେତ ବିଜେଡି ନିର୍ବାଚିତ ପ୍ରତିନିଧି ଓ କର୍ମୀମାନେ ଥାନା ବାରଣ୍ଡାରେ ଆହୋରାତ୍ର ଧାରଣା ଦେଇଥିଲେ। ମଙ୍ଗଳବାର ସକାଳୁ ବ୍ଲକର ୨୫ଟି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ପୁଲିସର ବେଆଇନ ଗିରଫ ଏବଂ ଅତ୍ୟାଚାର ବିରୋଧରେ ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ।

ଏହି ପ୍ରତିବାଦ ସଭାରେ ଶ୍ରୀ ଦାସବର୍ମା କହିଛନ୍ତି, ହରିଦାସ ଓ କୁଶୁବେଣ୍ଟି ଦୁଇ ଗ୍ରାମରେ ହୋଇଥିବା ସମସ୍ୟାକୁ ପ୍ରଶାସନ ଯେତିକି ବିଶ୍ୱାସକୁ ନେଇ ଆଲୋଚନା କରିବା କଥା ତାହା କରିନାହିଁ। ସେଠାରେ ଲୋକମାନଙ୍କର ଯେତିକି ନିଜସ୍ୱ ସମ୍ପତ୍ତି ତାହା ବାହାର କରାଯାଇନାହିଁ କି ସେହି ସ୍ଥାନରେ ଥିବା ଗୋଚର ସମ୍ପତ୍ତି ଚିହ୍ନଟ ହୋଇନାହିଁ। କିଭଳି ଭାବରେ ରବିବାର ବ୍ରହ୍ମଗିରି ତାହାସିଲ୍‌ଦାର ୧୬୩ ନୋଟିସ୍ କରିଲେ ତଥା ଗ୍ରାମବାସୀଙ୍କ ଗୋଚରକୁ ନେଇ ନ ଥିବାରୁ ଏହାକୁ ନାପସନ୍ଦ କରିଛନ୍ତି। ମଙ୍ଗଳବାର ବ୍ରହ୍ମଗିରିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଗଲାଣି ଏବଂ ରାଜନୈତିକ ଚାପରେ ପ୍ରଶାସନିକ ଅଧିକାରୀମାନେ ଚାପି ହୋଇ ଗଲେଣି। ମୁଁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ସତର୍କ କରିବାକୁ ଚାହେଁ ଆଇନ ବାଟରେ ଚାଲନ୍ତୁ। ଆମ୍ଭେ ଆଇନକୁ ସମ୍ମାନ ଦେଉ ଆଇନକୁ କେବେ ଅତିକ୍ରମ କରିବୁ ନାହିଁ ଏବଂ ପ୍ରଶାସନକୁ ନିବେଦନ କରିଛନ୍ତି ହରିଦାସ ଗ୍ରାମବାସୀ କିଭଳି ନ୍ୟାୟ ପାଇବେ ଓ ହରିଦାସ, କୁଶୁବେଣ୍ଟି ଦୁଇ ଗ୍ରାମ ମଧ୍ୟରେ ଲାଗିଥିବା ଦୁଇ ଦଶନ୍ଧିର ସମସ୍ୟାର କିଭଳି ଭାବରେ ସମାଧାନ ହେଉ। ଏହି ଗଣଧାରଣାରେ ଶ୍ରୀ ଦାସବର୍ମାଙ୍କ ସହିତ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରୁନୁବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ବିଜେଡିର ବରିଷ୍ଠ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ପୂର୍ଣ୍ଣ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକ, ଭାସ୍କର ଜେନା, କୃଷ୍ଣ ରାଉତ, ବିଜୟ ଦଳାଇ, ନନ୍ଦ କିଶୋର ବିଶ୍ୱାଳ, ଗେଡ୍ଡୁ ପଳେଇ, ନାରୀ ନେତ୍ରୀ ମାନସୀସ୍ ହରିଚନ୍ଦନ, ସସ୍ମିତା ସାହୁ, ପ୍ରତିମା ଜେନାଙ୍କ ସମେତ ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି ସରପଞ୍ଚ ଓ ସମିତିସଭ୍ୟ ସହିତ ଶହଶହ ବିଜୁ ଜନତା ଦଳର କର୍ମୀ ସାମିଲ୍ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଘଟଣା ଉପରେ ନଜର ରଖିଛନ୍ତି।

### ବାକି ଟଙ୍କାକୁ କେନ୍ଦ୍ର କରି ଗଣ୍ଡଗୋଳ

## ସରପଞ୍ଚଙ୍କ ଆକ୍ରମଣରେ ଦୋକାନୀ ଗୁରୁତର

**ବଳଙ୍ଗା, ୧୬ା୧୨(ସମିସ):** ବାକି ଟଙ୍କାକୁ କେନ୍ଦ୍ର କରି ବଳଙ୍ଗା ଥାନା ଅନ୍ତର୍ଗତ ବାମନାଳ ସରପଞ୍ଚ ଜନୈକ ମିଠା ଦୋକାନୀଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଆକ୍ରମଣରେ ସମ୍ପୃକ୍ତ ଦୋକାନୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।



ସଂଯୁକ୍ତା ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ମଧ୍ୟାହ୍ନ ସମୟରେ ସ୍ୱାମୀଙ୍କ ସହ ଜାଗାବାଡ଼ି କାଗଜପତ୍ର ନେଇ ଆର୍‌ଆଇ ଅଫିସ ଯାଉଥିଲେ। ବାମନାଳ ପଞ୍ଚାୟତ ଅଫିସ୍ ପାଖରେ ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ ଠିଆ ହୋଇଥିଲେ। ମୋ ସ୍ୱାମୀଙ୍କ ନାମ ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆଉ ଦିନେ ବାକି ଟଙ୍କା ମାଗିବୁ ତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ସୁରେନ୍ଦ୍ର ତାଙ୍କ ସ୍ୱାମୀଙ୍କଠାରୁ ଅଗଷ୍ଟ ୧୫ ଦିନ ୮ ହଜାର ଟଙ୍କାର ସେଓ, ବୁନ୍ଦିଆ ନେବା ସହିତ ଇନ୍ଦିରା ବାସ କରାଇଦେବାକୁ କହି ୩୦ ହଜାର ଟଙ୍କା ନେଇଥିବାବେଳ ମୁଁ ତୁମ ନାଁରେ ଥାନାରେ ଜଣାଇବି ବୋଲି କହିବାରୁ ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ ତାଙ୍କୁ ତଳେ ପକାଇ ମାଡ଼ ମାରିଥିଲେ। ଏକ ପଥର ଉଠାଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିବାହବେଳେ ମୁଁ ଛଡ଼ାଇବା ପାଇଁ ଯିବାରୁ ସେ ମୋତେ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିଥିଲେ। ସ୍ଥାନୀୟ ଲୋକେ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ବଳଙ୍ଗା ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ମୋ ନାମରେ ଥାନାରେ ଜଣାଇଲେ ତୋ ପରିବାର ଘରେ ଶୋଇଥିବାବେଳେ ନିଆଁ ଲଗାଇ ଜୀବନରୁ ମାରିଦେବାର ଧମକ ଦେଇଥିଲେ ବୋଲି ସଂଯୁକ୍ତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ସରପଞ୍ଚ ସୁରେନ୍ଦ୍ର ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ବସନ୍ତ ଆକ୍ରମଣ କରିଥିବା ନେଇ ଅଭିଯୋଗ କରିଛନ୍ତି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୬ଟି ପ୍ରକଳ୍ପର ଶିଳାନ୍ୟାସ

**ନିମାପଡ଼ା, ୧୬ା୧୨(ସମିସ):** ମଙ୍ଗଳବାର ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୪ କୋଟି ବ୍ୟୟରେ ୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ନିମାପଡ଼ା ଜଳ ସମ୍ପଦ ବିଭାଗ ଅନ୍ତର୍ଗତ କୁଶଭଦ୍ରା ନଦୀ ବନ୍ଧର ସୁରକ୍ଷା ପାଇଁ କଂକ୍ରିଟ୍ ୱାଲ୍ ଓ କେନାଲ ବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦରେ ୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆ ମାଇନର ଆରମ୍ଭରୁ ୧ କିଲୋମିଟର, ନୁହଁକିରୀ ମାଇନର ୧.୯ କିଲୋମିଟର, ମହାବୀର କଲୋନୀଠାରୁ ଡିପିରେଣ୍ଟା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ କୁଶଭଦ୍ର ନଦୀ ଦକ୍ଷିଣ ପାର୍ଶ୍ୱ ବନ୍ଧ ୩୪.୨୩୦ କି.ମି.ଠାରୁ ୩୪.୫୦୦ କି.ମି. ପର୍ଯ୍ୟନ୍ତ, କୁଶଭଦ୍ର ଦକ୍ଷିଣ ପାର୍ଶ୍ୱ ସିଠସାହିଠାରୁ ଅଣ୍ଡିଆ ସାହି ପର୍ଯ୍ୟନ୍ତ କଂକ୍ରିଟ ୱାଲ୍ ନିର୍ମାଣ କରାଯିବ। ଏହି ଅବସରରେ ଭିଲିଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମଠ ନିକଟରେ ଅନୁଷ୍ଠିତ ଏକ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଖୁବ୍‌ଶୀଘ୍ର ଏହି ସବୁ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ବରିଷ୍ଠ କାଉନ୍‌ସିଲର ଧନୁର୍ଦ୍ଧର ଦାଶ, କବିତା ତରାଇ, ଦିଲ୍ଲୀପ କୁମାର ପରିଡ଼ା, ସନ୍ତୋଷ ପରିଡ଼ା, ସାଇପ୍ରୀତମ୍ ପଟ୍ଟନାୟକ, ବିନୋଦ ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।



## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ନିମାପଡ଼ା, ୧୬ା୧୨(ସମିସ):** ନିମାପଡ଼ା ସରକାରୀ ପ୍ରାକ୍ଟିସିଂ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଭିନ୍ନ ବର୍ଗରେ ଅନୁଷ୍ଠିତ କ୍ରୀଡ଼ାରେ ସଫଳତା ଅର୍ଜନ କରିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ନିମାପଡ଼ା ବିଇଓ କୈଳାଶ ଚନ୍ଦ୍ର ପାଢ଼ୀ ଯୋଗଦେଇ ପୁରସ୍କାର ବିତରଣ କରିଥିବା ବେଳେ ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବରେ ବିଦ୍ୟାଳୟର ୭ମ ଶ୍ରେଣୀର ଛାତ୍ରୀ ସନ୍ତୋଷିନୀ ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟଣରେ ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ, ତ୍ରୟୀଲିପ୍ସା ଦାଶ, ସ୍ନେହଲତା ସ୍ୱାଇଁ ଓ ପ୍ରଧାନଶିକ୍ଷକ ନିର୍ମଳ ମିଶ୍ର ଉପସ୍ଥିତ ଥିଲେ। ନିମାପଡ଼ା ବାରବାଟୀ ପଡ଼ିଆରେ ସମସ୍ତ ଖେଳାକୁଦ ପ୍ରତିଯୋଗିତା ଯଥା- ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ ପ୍ରତିଯୋଗିତା ଏବଂ ଜୁନିଅର ବିଭାଗରେ ଗଣିତ ଦୌଡ଼, ଚକୋଲେଟ୍ ଦୌଡ଼, ଅଖା ଦୌଡ଼, ବେଙ୍ଗ ଡିଆଁ, ମ୍ୟୁଜିକ୍‌ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଭିଭାବକ ଓ ଅଭିଭାବିକାଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭଶ୍ରୀ ବରାଳ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ସନ୍ତୋଷୀ ସାହୁ, ଧନଞ୍ଜୟ ସେଠୀ, ଶ୍ରଦ୍ଧାଞ୍ଜଳି ପ୍ରିୟଦର୍ଶିନୀ, ଅଲିଭା ପ୍ରିୟଦର୍ଶିନୀ, ପୂର୍ଣ୍ଣିମା ସାହୁ, ଆଶୁତୋଷ ସ୍ୱାଇଁ, ବିଭୁପ୍ରସାଦ ନାୟକ, ଶ୍ରଦ୍ଧା ମଲ୍ଲିକ, ଲୋଟସ ବସ୍ତିଆ ଆଦିଙ୍କୁ ପୁରସ୍କୃତ କରାଯାଇଥିଲା।

## ନୟାସବେରା ୟୁଥ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ




**ନିମାପଡ଼ା, ୧୬ା୧୨(ସମିସ):** ୨୦୨୫ ସହ ଅସ୍ମିତାର ସୁରେ ସୁରେ ପାଇକ ଉତ୍ସବ ପୁରୁଣା ବସ୍ ଷ୍ଟାଣ୍ଡ ଗଡ଼ ଅଣ୍ଡିଆ ଗଜଲକ୍ଷ୍ମୀ ମଣ୍ଡପ ପ୍ରାଙ୍ଗଣରେ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ, ଡ. ମାନସ କୁମାର ଦାଶ, ରାଜ୍ୟ ସରକାରଙ୍କ ସାମ୍ବିଧାନିକ ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଗୀତିକାର ଡ. ପଞ୍ଚାନନ ନାୟକ, ଶଶାଙ୍କ ଶେଖର ଜେନା, ସାଂସଦଙ୍କ ପ୍ରତିନିଧି ମିନଲତା ମହାନ୍ତି ଓ ଟ୍ରଷ୍ଟର ସଭାପତି ବିଶ୍ୱରନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ପ୍ରତାପ କୁମାର ସାବୁତ ପ୍ରମୁଖ ସଭାମଣ୍ଡନ କରିଥିଲେ। ଟ୍ରଷ୍ଟର ବିଭିନ୍ନ ଲୋକାଭିମୁଖୀ ସେବାମୂଳକ କାର୍ଯ୍ୟକ୍ରମ ଉପରେ ଦୃଷ୍ଟିପାତ କରି ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଗତ ୭ ତାରିଖରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୧୦ ଜଣ କୃତୀ ଛାତ୍ରଛାତ୍ରୀ, ଓଡ଼ିଆ ଚଳଚ୍ଚିତ୍ରର ୩୫ ଜଣ ଅଭିନେତା/ଅଭିନେତ୍ରୀ, ୫ଟି କୃତୀ ସ୍ୱେଚ୍ଛାସେବୀ ଓ ୪ଟି ବିଭିନ୍ନ ଅଞ୍ଚଳରୁ ଆସିଥିବା ୬୦ ଜଣ ପାଇକ ଆଖଡ଼ାର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲୁଗାଁ ଅଞ୍ଚଳରୁ ଆସିଥିବା ଉତ୍କଳ କନ୍ୟା ପାଇକ ଆଖଡ଼ା କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ କୌଶଳ ଦର୍ଶକଙ୍କ ମନମୋହି ଥିଲା। କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଯୋଜନା କରିଥିଲେ ଟ୍ରଷ୍ଟର ଉପଦେଷ୍ଟା ଜୀବନଜ୍ୟୋତି ଶତପଥି, ବିଚିତ୍ରାନନ୍ଦ ପାତ୍ର, ପ୍ରଦୀପ ସ୍ୱାଇଁ, ସୋମିତା ଭାଟିଆ, ସୁଲଗ୍ନା ସାହୁ, ଅକ୍ଷୟ ମଲ୍ଲିକ, ମିନତୀ ବେହେରା, ବନିତା ଜେନା, ପ୍ରିୟଦର୍ଶିନୀ ପତି ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ।

## ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଚାରିଛକ, ୧୬ା୧୨(ସମିସ):** ମଙ୍ଗଳବାର ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ମନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆମ୍ବସାଡର ଅଶୋକ ଦାସ (ଡାଇରେକ୍ଟର ଜେନେରାଲ କିମ୍‌ସ ହସ୍ପିଟାଲ), ମୁଖ୍ୟବକ୍ତା ଭାବେ ଡ. ସ୍ୱାମୀ ଶୃତି ସାଗରାନନ୍ଦ ସରସ୍ୱତୀ ଅଧ୍ୟକ୍ଷ ପରମହଂସ ଆଶ୍ରମ, ସମ୍ମାନିତ ଅତିଥିଭାବେ ଡ. ଏରିକା ମହାନ୍ତି ରସାୟନ ବିଭାଗ ଅଧ୍ୟାପିକା ତୁଳସୀ ମହାବିଦ୍ୟାଳୟ, ପୁଷ୍ପମିତ୍ରା ମିଶ୍ର ସହଯୋଗୀ ମଣ୍ଡଳ ଶିକ୍ଷାଧିକାରୀ, ଚାରୁଲତା ବେହେରା ସରପଞ୍ଚ ଭୋଦର ଗ୍ରା.ପ. ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାନୀ ବସ୍ତିଆ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ଅନ୍ନପୂର୍ଣ୍ଣା-୨୦୨୫' ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଷ୍ଣୁସୁଦ୍ଧା ସ୍ୱାଇଁ ବ୍ଲକରେ ୩ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ମାନିତ କରାଯିବା ସହ ବାର୍ଷିକ କ୍ରୀଡ଼ା ଏବଂ ଅନ୍ୟାନ୍ୟ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଣତୀ ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ସସ୍ମିତା ପ୍ରଧାନ, ଟିକି ସ୍ୱାଇଁ, ରଶ୍ମିତା ସାହୁ, ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ବିଭୁପ୍ରଶନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଶିକ୍ଷାବିତ୍ ଦାମୋଦର ମିଶ୍ର, ଦ୍ୱିଜବର ମୁଦୁଲି, ନିରଞ୍ଜନ କର, ମନୋରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ଗୋପବନ୍ଧୁ ଲେଙ୍କା, ପ୍ରଶନ୍ନ କୁମାର ପ୍ରଧାନ, ପ୍ରମେଶ କୁମାର ରାଉତ, ଶଶୀଭୂଷଣ ରଥ, ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, କୃଷକ ନେତା ସନାତନ ପାତ୍ର, ଅଭିଭାବକ ଶ୍ରୀକାନ୍ତ ସ୍ୱାଇଁ, ବୈଦେହି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ
ବିଦ୍ୟାଧରପୁର, କଟକ
ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଉଜ୍ଜ୍ୱଳ ହେଉ ଭବିଷ୍ୟତ।
ଶୁଭେଚ୍ଛା ସହ
ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- ବେଲାରାଣୀ, ପିଇସି- ଇତିଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

### ନାବାଳିକାକୁ ହତ୍ୟା କରି ଜୀବନ ହାରିବା ଘଟଣା

## ପ୍ରେମରେ ବିଫଳତା ପାଇଁ ମାରିଦେଲା

ଓଡ଼ଗାଁ,୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳ ଥାନା ମଗରବନ୍ଧ ପଞ୍ଚାୟତକୁ ପାଠପଢ଼ି ଆସିଥିବା ନାବାଳିକା ଝିଅକୁ ସାବିଦେଇପୁର ଶିବ ମନ୍ଦିରକୁ ଡାକିନେଇ ଉତ୍କ୍ଷିପ୍ତ ହୋଇ ଝିଅଟିର ମୁଣ୍ଡକୁ ଲୁହା ପାଇପ୍‌ରେ ପିଟି ହତ୍ୟା କରିବା ପରେ ପ୍ରେମିକ ନିଜେ ବିଷପିଇ ମୃତ୍ୟୁବରଣ କରିବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଯୁବକ ଜଣକ ମଗରବନ୍ଧ ଗାଁର ଗୋଲଖ ନାୟକଙ୍କ ପୁଅ ପୂର୍ଣ୍ଣ ଚନ୍ଦ୍ର ନାୟକ। ଏନେଇ ନାବାଳିକାଙ୍କ ବାପା ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ଶରଣକୁଳ ପୁଲିସ ୨୬୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକା ଜଣକ ସୋମବାର ସକାଳେ ଟ୍ୟୁସନକୁ ଆସୁଥିବାବେଳେ ପୂର୍ଣ୍ଣଚନ୍ଦ୍ର ନାବାଳିକାକୁ ସାବିଦେଇପୁର ଖଜୁରିଆ ପୋଖରୀ ପାଖ ଶ୍ରୀଲୋକନାଥଙ୍କ(ଶିବ) ମନ୍ଦିର ଯିବାକୁ ଡାକିଥିଲେ। ଅରାଜି ହେଲେ ବିଷପିଇ ମରିବାକୁ କହି ବିଷ ବୋତଲ ଦେଖାଇ ଡରାଇଥିଲେ। ତେଣୁ ନାବାଳିକା ଙ୍କ କର୍ତ୍ତବ୍ୟ ହୋଇ ଟ୍ୟୁସନରେ ବ୍ୟାଗ୍ ରଖି ମନ୍ଦିରକୁ ଯାଇଥିଲେ। ଝିଅ ଟ୍ୟୁସନରୁ ଫେରିବା ଡେରି ହେବାରୁ ଖବର ପାଇ ଘର ଲୋକେ ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଝିଅକୁ ନ ପାଇ ଫେରି ଆସିଥିଲେ। ନାବାଳିକା ଶିବ ମନ୍ଦିରରେ ପହଞ୍ଚିବା ପରେ ପୂର୍ଣ୍ଣଚନ୍ଦ୍ରଙ୍କ କଥା ଅଥବା କାର୍ଯ୍ୟକଳାପରେ ଅରାଜି ହେବାରୁ ଉତ୍କ୍ଷିପ୍ତ ହୋଇ ନିକଟରେ ଥିବା ଏକ ଲୁହା ଫୁଙ୍କାନଳୀରେ ମୁଣ୍ଡକୁ ପିଟିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ନାବାଳିକାର ମୃତ୍ୟୁ ନିଶ୍ଚିତ ବୋଲି ଜାଣିବା ପରେ ପୂର୍ଣ୍ଣଚନ୍ଦ୍ର ତାକୁ ମନ୍ଦିର ପାଚେରି ପାଖକୁ ଫିଙ୍ଗି ପରବର୍ତ୍ତୀ ପରିସ୍ଥିତି ଭୟ ଅଥବା ଅନ୍ୟ କୌଣସି କାରଣରୁ ନିଜ ଜୀବନ ହରାଇବାକୁ ନିଜେ ବିଷପିଇ ଘରକୁ ଫୋନ୍ କରି ଜଣାଇଥିଲେ। ପୂର୍ଣ୍ଣଙ୍କ ଘରଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳିକାକୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଅବସ୍ଥାରେ ପୂର୍ଣ୍ଣକୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଫଳ ପ୍ରେମିକର ଏଭଳି କାଣ୍ଡ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଧନୁରୁ ଆରମ୍ଭ, ମକରରେ ଶେଷ

# ଦକ୍ଷିଣକାଳୀଙ୍କ ପହିଲି ଭୋଗରେ ଆମିଷ

ନୟାଗଡ଼,୧୬।୧୨(ସମିସ)

ପବିତ୍ର ଧନୁ ସଂକ୍ରାନ୍ତିଠାରୁ ନୟାଗଡ଼ ପୁରୁଣା ସହରରେ ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀଙ୍କଠାରେ ପହିଲି ଭୋଗ ନୀତି ଆରମ୍ଭ ହୋଇଥାଏ। ଏହା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ପ୍ରତ୍ୟେକ ଦିନ ମା'ଙ୍କ ପାଖରେ ୧୪ ଥାଳି ଭୋଗ ଲାଗିହୁଏ। ଏଥିରେ ୧୧ ଥାଳି କାନିକା ଭୋଗ ଏବଂ ୩ ଥାଳି ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ। ଖେଚୁଡ଼ି ଭୋଗରେ ପ୍ରତ୍ୟେକ ଦିନ ଆମିଷ ପୂଜା ହୋଇଥାଏ। ଭକ୍ତଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଭୋଗ ଥାଳି ସଂଖ୍ୟା ବୃଦ୍ଧି କରାଯାଇଥାଏ। ଏପରିକି ବେଳେବେଳେ ୪୦ରୁ ୫୦ ଥାଳି ଭୋଗ ଲାଗି ହୁଏ ବୋଲି ସୂଚନା ମିଳିଛି। ଓଡ଼ିଶାରେ ଯେଉଁ କେତୋଟି ପ୍ରସିଦ୍ଧ ଦେବୀ ପୀଠ ରହିଛି ସେଥିମଧ୍ୟରୁ ନୟାଗଡ଼ ସଦର ମହକୁମାରେ ଅବସ୍ଥିତ ମା' ଦକ୍ଷିଣକାଳୀ ପୀଠ ହେଉଛି ଅନ୍ୟତମ। ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଏହି ପୀଠରେ ବାରମାସରେ ତେର ପର୍ବ ପାଳନ କରାଯାଇଥାଏ। ଦକ୍ଷିଣକାଳୀଙ୍କ ମନ୍ଦିରଟି ବଳରାମ ପାହାଡ଼ ପାଦଦେଶରେ ଅବସ୍ଥିତ ହୋଇଥିବାରୁ ଏଠାରେ ଏକ ସୁନ୍ଦର ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ମା'ଙ୍କ ପୂଜାବିଧି କାହିଁ କେଉଁ ଅମଳରୁ ପ୍ରଚଳିତ ବୋଲି ମୁଖ୍ୟ ପୂଜାରୀ କହିଛନ୍ତି। ମା'ଙ୍କ ପାଖରେ କେଉଁ ଦିନ ବଡ଼ ମାଛ ଭଜା ହୁଏ ତ ପୁଣି କେଉଁଦିନ ଚିଙ୍ଗୁଡ଼ି ପୂଜା କରାଯାଏ। ମା'ଙ୍କ ପୀଠରେ ଥରେ ଜଣେ ପୂଜକ ସକାଳୁ ପୂଜା କରିବାକୁ ଆସିବା ବେଳକୁ ସେଠାରେ ମାଛ କଣ୍ଟା ପଡ଼ିଥିବା ଦେଖାଯାଇଥିଲା। ସେ ଏହାକୁ ସଫା କରିଥିଲେ। ବାରମ୍ବାର ଏଭଳି ଘଟଣା ଦେଖାଯିବା ପରେ ମା'ଙ୍କ ପାଖରେ ଆମିଷ ପୂଜା ପରମ୍ପରା ଜନଶ୍ରୁତିରୁ ଜଣାଯାଏ। ଦକ୍ଷିଣକାଳୀଙ୍କର ଏହା ଅନ୍ୟ ଏକ ସ୍ୱତନ୍ତ୍ରତା ବୋଲି ଧରାଯାଏ।



### ମନ୍ଦିର ରୂପାନ୍ତରଣ ଅଧପନ୍ତରିଆ

## ୨୪ରେ ରାସ୍ତାରୋକ କରିବାକୁ ଚେତାବନୀ



ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଦକ୍ଷିଣକାଳୀ ମନ୍ଦିର ରୂପାନ୍ତରଣ ପାଇଁ ପୂର୍ବ ସରକାର ସମୟରେ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି ଅର୍ଥରେ ବଉଳମାଳା ପଥରରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ଅର୍ଥ ଆସୁ ନ ଥିବା ଦର୍ଶାଇ ପୂର୍ତ୍ତ ବିଭାଗ କୌଣସି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁନାହିଁ। ଯାହାକୁ ନେଇ ନୟାଗଡ଼ବାସୀଙ୍କ ସମେତ ମନ୍ଦିର ପରିଚାଳନା କମିଟି ଅସନ୍ତୋଷବ୍ୟକ୍ତ କରିଛନ୍ତି। ମା'ଙ୍କ ମନ୍ଦିର ଚଟାଣ ସମେତ ଅନ୍ୟାନ୍ୟ କାମ କରିବା ପାଇଁ ପୂର୍ତ୍ତ ବିଭାଗ ଆନ୍ତରିକତା ପ୍ରକାଶ ନ କରିବା, ଅନୁମୋଦନ ହୋଇଥିବା ଅର୍ଥ କେବଳ ମନ୍ଦିର ନିର୍ମାଣରେ ଶେଷ ହୋଇଯିବାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଆସନ୍ତା ୨୧ ତାରିଖ ସୁଦ୍ଧା ପୂର୍ତ୍ତ ବିଭାଗ ସ୍ପଷ୍ଟ ମତ ରଖିବା ପାଇଁ ମନ୍ଦିର କମିଟି ପକ୍ଷରୁ ଚିଠି କରାଯାଇଛି। ନଚେତ୍ ଆସନ୍ତା ୨୪ ତାରିଖ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଚିଠି ନୟାଗଡ଼ ବିଧାୟକ, ପୁରୀ ସାଂସଦ, ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ଜଣାପଡ଼ିଛି।

## ଶବର ରାଜା ବିଶ୍ୱାବସୁଗଡ଼ରେ ଧନୁଯାତ୍ରା



ଭାପୁର,୧୬।୧୨(ସମିସ): ଜଗନ୍ନାଥ ସଂସ୍କୃତିରେ ନୀଳମାଧବଙ୍କ ଆଦ୍ୟ ସେବକ ଭାବେ ଶବର ରାଜା ବିଶ୍ୱାବସୁ ପରିଚିତ। ଏହି ଶବର ରାଜା ବିଶ୍ୱାବସୁଙ୍କ ଗଡ଼ କୁହାଯାଉଥିବା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଧାନଚାଙ୍ଗଡ଼ା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ବର୍ତ୍ତମାନ ତାଙ୍କର ଦାୟାଦମାନେ ରହୁଛନ୍ତି। ପବିତ୍ର ଧନୁ ସଂକ୍ରାନ୍ତିରେ ଶବରମାନେ ଧନୁ ପୂଜା ଓ ଧନୁ ଯାତ୍ରା ଧୁମ୍‌ଧାମ୍‌ରେ ପାଳନ କରିଆସୁଛନ୍ତି। ଭାପୁର ବ୍ଲକ୍ ଧାନଚାଙ୍ଗଡ଼ା ନିକଟରେ ଥିବା ଧାଙ୍ଗେଡ଼ି ପାହାଡ଼ ଉପରେ ବିରାଜିତ ଲଳିତ ମାଧବଙ୍କ ପୀଠରେ ଧାନଚାଙ୍ଗଡ଼ା ଗ୍ରାମବାସୀମାନେ ପାହାଡ଼ ଉପରେ ଧୁମ୍‌ଧାମ୍‌ରେ ଧନୁଯାତ୍ରା ପାଳନ କରୁଛନ୍ତି। ଏ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟ ଓ ଯାତ୍ରା ଆୟୋଜିତ ହୋଇଛି। ଏହି ଯାତ୍ରାରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ୍ ସହ କଟକ ଜିଲ୍ଲାର ଶହଶହ ଲୋକଙ୍କ ସମାଗମ ହୋଇଛି। ସେହିପରି ଧାନଚାଙ୍ଗଡ଼ା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ଧାଙ୍ଗେଡ଼ିମାନେ ନାଚଗୀତରେ ମସ୍‌ଗୁଲ ହେବା ସହ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା। ତିନି ଦିନ ଧରି କାଳିଆପଲ୍ଲୀରେ ହୋମଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହେବ। ସେହିପରି ଭାପୁର ପଞ୍ଚାୟତ ମାନପୁର ଗ୍ରାମରେ ଶବରମାନେ ଧୁମ୍‌ଧାମ୍‌ରେ ଧନୁ ଯାତ୍ରା ଆୟୋଜନ କରିଛନ୍ତି।

## ବରୁଣେଇ ଟି-୨୦ କ୍ରିକେଟ: ସେମିରେ ବୈଦେଶ୍ୱର

କଣ୍ଟିଲୋ,୧୬।୧୨(ସମିସ): ବରୁଣେଇ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆଠାରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବୈଦେଶ୍ୱର ଟିମ୍ କାନପୁରକୁ ୪୨ ରନ୍‌ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ବରୁଣେଇ(ଏ) ସହ ଭୋଗଡ଼ା ଓ ରଜିବ ସହିତ ବୈଦେଶ୍ୱର ଟିମ୍ ସେମି ଫାଇନାଲ୍ ମ୍ୟାଚ୍ ଖେଳିବେ। ୧୮ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବୈଦେଶ୍ୱର ଟିମ୍ ୧୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ କାନପୁର ଟିମ୍ ୧୫.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍‌ରେ ସୀମିତ ରହିଥିଲା। ବୈଦେଶ୍ୱରର ଗଣେଶ ରାଉତ ୧୭ ବଲ୍‌ରେ ଦ୍ରୁତ ୪୮ ରନ୍‌ର ଇନିଂସ୍ ଖେଳି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

## ଚୋରି ଘଟଣାରେ ଦୁଇ କୋର୍ଟ ଚାଲାଣ

ଭାପୁର,୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଫତେଗଡ଼ ଗ୍ରାମ ସାନ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଘଟିଥିବା ଚୋରି ଘଟଣାରେ ଦୁଇ ଚୋରଙ୍କୁ ଧରି ପୁଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗତ ୧୧ ତାରିଖରେ ସାନ କୃଷ୍ଣଚନ୍ଦ୍ରପୁର ଗ୍ରାମର ଏୟାରଫୋର୍ସରେ କାର୍ଯ୍ୟରତ ବାଳକୃଷ୍ଣ ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ଘରୁ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିଲା। ଏନେଇ ତାଙ୍କ ଭାଇ ହରେକୃଷ୍ଣ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫତେଗଡ଼ ଥାନା ଏସ୍‌ଆଇ ଅଞ୍ଜଳି ସା ତଦନ୍ତ କରି ଫତେଗଡ଼ ଗ୍ରାମର ଅଲେଖ ସ୍ୱାଇଁଙ୍କ ପୁଅ ପିଣ୍ଟୁ ସ୍ୱାଇଁ ଓ ଦୀନବନ୍ଧୁ ବେହେରାଙ୍କ ପୁଅ ଶଙ୍କର ବେହେରାଙ୍କୁ ଗିରଫ କରି ତାଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୃଥକ୍ ଦୁର୍ଘଟଣାରେ ୩ ମୃତ

ନୟାଗଡ଼,୧୬।୧୨(ସମିସ): ଶରଣକୂଳ ଥାନା ଦରପଦା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସୋଲପଟା ଗାଁର ରମେଶ ଖଟେଇ ଓ ମାନପୁର ଗାଁର ଅଂଶୁମାନ ସ୍ୱାଇଁ। ରମେଶ ଶରଣକୂଳ ବଜାରରେ ଥିବା ନିଜ ଦୋକାନରୁ ଗାଁକୁ ବାଇକ୍‌ରେ ଫେରୁଥିବା ସମୟରେ ନୟାଗଡ଼ ପଟୁ ବାଇକ୍‌ରେ ଯାଉଥିବା ପଞ୍ଚରିଡ଼ା ମାନପୁର ଗାଁର ଅଂଶୁମାନ ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ, ଘଟଣାସ୍ଥଳରେ ହିଁ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ଉଭୟଙ୍କୁ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ନୟାଗଡ଼ ଷ୍ଟାଡିୟମ୍ ସମ୍ମୁଖରେ ଏକ ସ୍କୁଟି ଓ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ନବଘନପୁର ପଞ୍ଚାୟତ ଗୋପୀନାଥପୁର ଗାଁର ସୁରେନ୍ଦ୍ର ପ୍ରଧାନ। ସେ ନୟାଗଡ଼ ବଜାରକୁ ରାତି ୮ଟାରେ ଯାଉଥିବାବେଳେ ବିପରୀତ ଦିଗରୁ ଏକ ସ୍କୁଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ନୟାଗଡ଼ ପୁଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଘରୁ ସୁନା ଓ ଟଙ୍କା ଚୋରି

ଓଡ଼ଗାଁ,୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ସୁନାମୁହିଁ ପଞ୍ଚାୟତ ଲୁଣି ଗ୍ରାମର ଭଗବାନ ମୁଦୁଲିଙ୍କ ଘରେ ଶନିବାର ରାତିରେ ଚୋର ପଶି ୪୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ସହିତ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଓଡ଼ଗାଁ ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁସାରେ, ଭଗବାନ ମୁଦୁଲି ପରିବାର ସହିତ ଅନ୍ୟତ୍ର ଭୋଜି ଖାଇବାକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଚୋରମାନେ ଦାଣ୍ଡପଟ ତାଲା ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ସମସ୍ତ ଜିନିଷ ଚୋରି କରିନେଇଥିଲେ। ଏନେଇ ଭଗବାନ ମୁଦୁଲିଙ୍କ ସ୍ତ୍ରୀ ପପିତା ମୁଦୁଲି ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

### ନୟାଗଡ଼ ପୌର ପରିଷଦ

## ୬୮ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ

**ନିର୍ଦ୍ଧାରିତ ସମୟରେ ସାରିବାକୁ କଡ଼ା ନିର୍ଦ୍ଦେଶ**



ନୟାଗଡ଼,୧୬।୧୨(ସମିସ): ନୟାଗଡ଼ ପୌର ପରିଷଦ ପକ୍ଷରୁ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ସହରୀ ଯୋଜନା ୬୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ଦ୍ଧାରିତ ସମୟ ଭିତରେ ଆବାସ ନିର୍ମାଣ ସାରିବାକୁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ସହରୀ ଯୋଜନାରେ ପୂର୍ବରୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଥିବା ବେଳେ ଏହାକୁ ଆଉ ୫୦ ହଜାର ଟଙ୍କା ବୃଦ୍ଧି କରାଯାଇ ହିତାଧିକାରୀ ପିଛା ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ନିର୍ଦ୍ଧାରିତ ସମୟ ଭିତରେ ନିର୍ମାଣ ସାରି ପ୍ରୋତ୍ସାହନ ରାଶି ପାଇବାର ମଧ ବ୍ୟବସ୍ଥା ରହିଛି। ଏହା ସହ ହିତାଧିକାରୀଙ୍କୁ ଯେମିତି ସଠିକ୍ ସମୟରେ ତାଙ୍କ ଟଙ୍କା ମିଳିବ ସେ ନେଇ ଅଧିକାରୀ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ପୌର ପରିଷଦର ପୌରାଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଓ କାଉନ୍‌ସିଲରମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବାବେଳେ ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃଷି ସୂଚନା ଭ୍ରାମ୍ୟମାଣ ରଥର ଶୁଭାରମ୍ଭ



ଓଡ଼ଗାଁ,୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ସୋମବାର ସକାଳେ ଭ୍ରାମ୍ୟମାଣ କୃଷି ସୂଚନା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଉକ୍ତ ସଚେତନତା ରଥ ଓଡ଼ଗାଁ ଏନ୍‌ଏସି ସମେତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ଗ୍ରାମମାନଙ୍କୁ ଭ୍ରମଣ କରି କୃଷିଭିତ୍ତିକ ସୂଚନା ପ୍ରଦାନ କରିବ। ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ଘୋଷଣା କରିବା ପରେ କୃଷି ସଚେତନତା ପାଇଁ ନୃତ୍ୟ ସଂଗୀତ ପରିବେଷଣ ହୋଇଥିଲା। ପରେ ଆତ୍ମାର ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନଙ୍କ ସହିତ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ସାମ୍ନାରେ ପତାକା ପ୍ରଦର୍ଶନ କରି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ପରେ ଏହି ରଥ ବିଭିନ୍ନ ପଞ୍ଚାୟତ ଓ ଗାଁକୁ ପ୍ରଚାର ଉଦ୍ଦେଶ୍ୟରେ ବାହାରି ଯାଇଥିଲା। ସୋମବାରଠାରୁ ୫ ଦିନ ଧରି ରଥ ବିଭିନ୍ନ ପଞ୍ଚାୟତ ଓ ଗ୍ରାମମାନଙ୍କରେ ପହଞ୍ଚି ନୃତ୍ୟ ସଂଗୀତ ମାଧ୍ୟମରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା, ପିଏମ୍ କିଷାନ, ସିଏମ୍ କିଷାନ ଭଳି କୃଷିଭିତ୍ତିକ ସୂଚନା ପ୍ରଦାନ କରି ଚାଷୀମାନଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମକୁ କୃଷି ଓଭରସର ଶୈରେନ୍ଦ୍ରୀ ଦାଶ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ନୟାଗଡ଼/ଶରଣକୁଳ,୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଝୁମୁ ଗାଁରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ନିହାର ରଞ୍ଜନ ମିଶ୍ରଙ୍କ ପତ୍ନୀ ପ୍ରତିମା କର। କୌଣସି କାରଣରୁ ପ୍ରତିମା ସୋମବାର ରାତିରେ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ସ୍ଥାନୀୟ ପୁଲିସ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ପ୍ରତିମାଙ୍କ ବାପା ନୟାଗଡ଼ ଥାନା ଅନ୍ତର୍ଗତ ବ୍ରଜବଲ୍ଲଭପୁର ଗ୍ରାମର ବୈକୁଣ୍ଠନାଥ କର ଏହା ଯୌତୁକଜନିତ ହତ୍ୟା ବୋଲି ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଝିଅକୁ ସେ ୨୪ ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ ଆବଶ୍ୟକ ଯାନିଯୌତୁକ ଦିଆଯାଇଥିବାବେଳେ ଜ୍ୱାଇଁ ନିହାର, ଶାଶୂ ରେବତୀ ମିଶ୍ର ଏବଂ ନଣନ୍ଦମାନେ ବାରମ୍ବାର ଅଧିକ ଯୌତୁକ ଆଣିବା ପାଇଁ ନିର୍ଯାତନା ଦେଇ ଆସୁଥିଲେ। ପ୍ରତିମାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପଞ୍ଝୁମୁ ଗ୍ରାମରେ ଶବ ସତ୍କାର କରାଯାଇଛି। ଶରଣକୁଳ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ ଘଟଣା

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

- ଘଟଣାକୁ ଚପେଇବା ପାଇଁ ପ୍ରୟାସ
- ବିଡିଓଙ୍କ ହସ୍ତକ୍ଷେପ ପରେ ତାଲା ଖୋଲିଲେ ଗ୍ରାମବାସୀ

ଖଣ୍ଡପଡ଼ା,୧୬।୧୨(ସମିସ)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ ଘଟଣାର ନିରପେକ୍ଷ ତଦନ୍ତ ସହ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଥିଲେ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ। ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ହରତାଳ କରିଥିଲେ।

ମିଳିଥିବା ସୂଚନାନୁଯାୟୀ, ବିଦ୍ୟାଳୟ ଶ୍ରେଣୀଗୃହରୁ ପୂର୍ବତନ ସରପଞ୍ଚ ବାଇକ୍ ଯୋଗେ ଏକ ଚାଉଳ ବସ୍ତା ନେଉଥିବାର ଭିଡିଓ ସାଧାରଣରେ ଭାଇରାଲ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଆଳରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘଣ୍ଟ ଘୋଡ଼ାଯାଉଥିବା ଓ ଘଟଣାଟିକୁ ଚପାଇଦେବା ପାଇଁ ଉଦ୍ୟମ ହେଉଥିବାରୁ ଏ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି ଶିଖରପୁର ପଞ୍ଚାୟତର ଜନସାଧାରଣ। ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ଝୁଲିବା ଫଳରେ ପିଲାମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହ ଶିକ୍ଷକଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରି ନ ପାରି ବାହାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

ଖବରପାଇ ଖଣ୍ଡପଡ଼ା ପୁଲିସ ୩ ଘଣ୍ଟା ପରେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାଇବା ପରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥିବା ଜଣାଯାଇଛି। ପରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ବିଇଓ କୈଳାସ ଚନ୍ଦ୍ର କର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଜନସାଧାରଣଙ୍କୁ ଭେଟି ଆଲୋଚନା କରିଥିଲେ। ମାତ୍ର ଚାଉଳ ହଡ଼ପ କରିଥିବା ପୂର୍ବତନ ସରପଞ୍ଚ ବନମାଳି ଦ୍ୱାରି ଓ ତାଙ୍କୁ ସୁରକ୍ଷା ଦେଇଥିବା ପଞ୍ଚାୟତ ଲୋକ ପ୍ରତିନିଧି, ଅନୁଷ୍ଠାନର ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସି ରହିଥିଲେ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା। ଶେଷରେ ବିଡିଓଙ୍କ ହସ୍ତକ୍ଷେପ ପରେ ଘଟଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଜଣାପଡ଼ିଛି। ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ ଘଟଣାର ତଦନ୍ତ ଏକ ସ୍ୱତନ୍ତ୍ର କମିଟି ଜରିଆରେ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଜନସାଧାରଣ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡ଼ିଛି।




## 'ଆସ ସ୍କୁଲ ଯିବା' ଶିକ୍ଷା ସଭା ସଚେତନତା




ଖଣ୍ଡପଡ଼ା,୧୬।୧୨(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁଣିଥରେ ସ୍କୁଲ ମୁହାଁ କରିବା ପାଇଁ ଆୟୋଜନ ହେଉଛି 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ କଣ୍ଟିଲୋ, ସିଧାମୂଳା, କୋସ୍କା, କୁମ୍ଭାରପଡ଼ାଠାରେ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ବନମାଳିପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବାସୁଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷା ସଭା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବିକାଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନମାଳିପୁର ସରପଞ୍ଚ ବାସନ୍ତୀ ବେହେରା ଯୋଗଦେଇ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁଣିଥରେ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ନିବେଦନ କରିବା ସହ ନିଜ ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରନ୍ତୁ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରସାଦ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମ୍ବାଧର ଜେନା, ଶିକ୍ଷକ ନବକିଶୋର ମିଶ୍ର, ବିଦ୍ୟାଳୟ ସଭାପତି ପ୍ରେମଲତା ସାହୁ, ଅଙ୍ଗନବାଡ଼ି କର୍ମୀ ତୁଳସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସ ସ୍କୁଲ ଯିବା ଉଦ୍ଦେଶ୍ୟରେ ମୂଳରୁ ବିଦ୍ୟାଳୟରେ ନାମ ଲେଖାଇ ନ ଥିବା, ବିଦ୍ୟାଳୟ ବାହାରେ ବୁଲୁଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସହ ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ରୋକିବା ଏହାର ମୂଳ ଲକ୍ଷ୍ୟ ବୋଲି ସିଆର୍‌ସିସି ଶ୍ରୀ ସେଠୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ସମେତ କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

